ଅନୁମତି ନାହିଁ, ତାଳଚେର ହାତୁଡ଼ିପାଳ ଘାଟରୁ ଉଠୁଛି ଶହସ୍ରାଧିକ ଟ୍ରିପ୍ ବାଲି

ନିଦ୍ରାରେ ଖଣି ବିଭାଗ

ତାଳଚେର,(ପିପିଏସ): କଥାରେ ଅଛି ଅକାଳିକୁ ...

ତ୍ରିଦିବସୀୟ ୬ଷ୍ଠ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

କୋଣାର୍କ(ପିପିଏସ): କୋଣାର୍କ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ...

ଭଦ୍ରକ-ବନ ବିଭାଗର ଚଢ଼ଉ

ପୁଲଓ୍ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଗୋପରେ ପୁଲଓ୍ୱାମା ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ୮୦ ୟୁନିଟ ରକ୍ତ ସଂଗ୍ରହ

ଜୟଶୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଭଦ୍ରାୟଣୀ - ୨୦୨୫ ଉଦ୍‌ଘାଟିତ

ପାରାଦୀପ ବନ୍ଦର ଚିକିତ୍ସାଳୟରେ କର୍କଟ ରୋଗ ସଚେତନତା

ମୃତ୍ୟୁ ପରେ ଅଙ୍ଗଦାନ କରିବେ ଧ୍ରୁବ

ସ୍ୱାମୀ ବିବେକାନନ୍ଦ ମେମୋରିଆଲ କ୍ଲବର ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ପ୍ରେମ ଓ ପ୍ରତାରଣା ଷ୍ଟୋରୀରେ ନୀରବ ରହିଲା ଭଦ୍ରକ ପୁଲିସ୍

ଆକ୍ସନ ନେଲା ଝାରସୁଗୁଡ଼ା ପୁଲିସ୍

ODISHA POLICE
STATE HEADQUARTERS
Cuttack

Odisha Police
Office of the D.G & I.G. of Police, Odisha, Cuttack
Tel.:0671-2304001, Website www.odishapolice.gov.in,
Email:parkajodpol@gov.in alo provodpol@gov.in

Online Bids through e-Tender Portal https://tendersodisha.gov.in are invited from the eligible bidders for purchase of CCTV WITH ACCESS CONTROL DIGITAL MANGEMENT AND FRS for Odisha Police during the current financial year 2024-25 as per the particulars mentioned below.

Sl. No.	Name of Item	RFP Issue Date	Quantity
1	CCTV WITH ACCESS CONTROL DIGITAL MANGEMENT AND FRS	51-RFP CCTV WITH ACCESS CONTROL DIGITAL MANGEMENT AND FRS-2024-25 Dtd. 12.02.2025	In different quantity

Events	Date
RFP Issue Date	12/02/2025
Date & Time of Pre-Bid meeting Queries to be commissioneratepolice@nic.in submit and aig-prov.odpol@gov.in. 2 days prior to the pre-bid meeting as per the format prescribed in Annexure 5	A pre-proposal meeting will be intimated to on bidder. (Online Link shall be shared based on the request receive from commissioneratepolice@nic.in bidder on and aig-prov.odpol@gov.in before 15.02.2025 by 15:00 Venue Of o the Commissionerate of Police, Bhubaneswar.
RFP Submission Due Date and time	24/02/2025 Noon
Date & Time of Opening of Technical Bids	25/02/2025 Noon
Date & Time of Opening of Financial Bids	To be intimated
Tender Document fee	In favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft)
EMD (Earnest Money Deposit)	In favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft)

The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

A.I.G. of Police (Provisioning.)
Odisha, Cuttack.
(Tender Calling Authority)

D-262 OIPR-12029/11/0070/2425

OFFICE OF THE MUNICIPAL COUNCIL: RAYAGADA
DIST-RAYAGADA
PIN CODE-765001, ODISHA
E-mail ID-raygadam.hud@nic.in
Letter No. 660 Date. 13/02/25
Tender Call Notice

Sealed tender are invited from intending reputed authorized suppliers/dealers/ agencies for supply of 01 (ONE) and more number of drinking water movable tank for use of Rayagada Municipality as per specification given below upto 12.00 noon on 27.02.2025 and the same will be opened on the same day at 12.30 PM in the Office Chamber of undersigned in presence of quotation or their authorized agents. The participants should quote the price both the words figure and produce the in your office letter head with office documents. The participants should deposit non-refundable of INR Rs.3,000/- (Rupees Three Thousand) only as per security in shape of any nationalized bank demand draft in favor of Executive Officer, Rayagada Municipality or municipality money receipt. The price should be quoted including all taxes applicable and other charges as applicable.

The participants received after the due date & time will not entertain and the undersigned reserves all the rights to accept/reject all/any participants without assign any reasons thereof.

SPECIFICATION
Tank Load Capacity-4000 to 4500 Liter
Tank body-Zink sheet
Tank wheel-04 wheel momentums
Tank Inlet-02 upper cap system
Tank outlet-Back side four nozzle/ taping system
Performance warranty 3 Years (Minimum)

Sd/-: Executive Officer
Rayagada Municipality

C-1650 OIPR-13150/11/0050/2425

OFFICE OF THE EXECUTIVE ENGINEER
RWS&S DIVISION: ATHAGARH
AUTO: Athagarh, Email: cerwszathagarh@gmail.com
INVITATIONS FOR BIDS (IFB) [e-Procurement]
Did Identification No. RWS/ATH/10/2024-25
Letter No. 111 Dt 28/01/25

1) The Executive Engineer, RWS&S Division, Athagark on behalf of Governor of Odisha invites lump sum rate bid in double cover system in ONLINE MODE from eligible Civil Contractors for the works as detailed below under RWSS Division, Athagarh.
2. Nature of work : Construction of Govt. Quarter "C" Type for residence of the Executive Engineer, RWS&S Division, Athagarh under Athagarh Block in the district of Cuttack.
3. No. of Work : 01 (One) No.
4. Class of Contractor: "B" and "A"
5. Cost of Tender paper: Rs. 6,000.00
6. Approx. Estimated Cost : Rs. 45.80 Lakhs
7. EMD to be deposited : 1% of Estimated Cost (On line)
8. Period of completion : 06 (Six) Calendar Months.
9. Availability of bid documents in the website in the Portal.: From dt. 20.02.2025 at 10.00 AM to dt. 03. 03. 2025 up to 5.30 PM
10. Date & time of seeking tender clarification : 20.02.2025 to 21.02.2025 up to 5.30 PM
11. Date of Opening of Bid : On dt. 04.03.2025 at 11.30 AM onwards
12. Any corrigendum/Amendment/Cancellation of IFB will be displayed in the e-tender website only. Cost of Tender Paper to be made through Online payment system.
The bidders have to participate in ONLINE bidding only. Further details can be seen from the website i.e. http://tenderorissa.gov.in

Sd/-: Executiv Engineer
RWS&S Division, Athagarh

O-1386 OIPR-25165/11/0004/2425

MCL
ମହାନଦୀ କୋଲଫିଲ୍ଡସ ଲିମିଟେଡ୍

ବିଜ୍ଞପ୍ତି

... www.coalindia.in ... (MCL, www.mahanadicoal.in), CIL ...

R-5240

ଲାଇବ୍ରେରିଆନ୍ ନାହାନ୍ତି ; କିଣାଯାଉଛି କୋଟି କୋଟି ଟଙ୍କାର ବହି

'ଓସେପା'ର ବିଚିତ୍ର ନୀତି

କଟକ, ୧୪/୨ (ଇମିସ): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ରାଜ୍ୟର ୫୦ ହଜାରରୁ ଅଧିକ ଶିକ୍ଷାନୁଷ୍ଠାନ ଲାଗି ଗଲା ୫ ବର୍ଷ ଧରି କୋଟି କୋଟି ଟଙ୍କାର ପାଠାଗାର ପୁସ୍ତକ କିଣାଯାଉଛି। ମାତ୍ର ଆଶ୍ଚର୍ଯ୍ୟର ପ୍ରସଙ୍ଗ ହେଉଛି, ୩ ବର୍ଷ ହେଲା ଏଠାରେ କେହି ଲାଇବ୍ରେରିଆନ୍ ନାହାନ୍ତି। ଏହି ପଦବି ପୂରଣ ଲାଗି କୌଣସି ପଦକ୍ଷେପ ବି ନିଆଯାଉନାହିଁ। ଜଣେ କିରାଣିଙ୍କୁ ୩ ବର୍ଷ ହେଲା କାମଚଳା ଲାଇବ୍ରେରିଆନ୍ ଦାୟିତ୍ୱ ଦେଇ କର୍ତ୍ତୃପକ୍ଷ ନିଶ୍ଚିନ୍ତରେ ବସିଛନ୍ତି। ଫଳରେ ବିଦ୍ୟାଳୟ ପାଠାଗାର ପୁସ୍ତକ କିଣିବା ପ୍ରକ୍ରିୟାରେ ନାନା ବିଶୃଙ୍ଖଳା ସୃଷ୍ଟି ହେବା ସହ କିଛି ନିର୍ଦ୍ଦିଷ୍ଟ ପ୍ରକାଶକଙ୍କ ପ୍ରତି ମାତ୍ରାଧିକ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହେଉଛି। ଏହି ଅନିୟମିତତାକୁ ନେଇ ଅଦାଲତରେ ବି ମାମଲା ପହଞ୍ଚିଛି। ସୂଚନା ଅଧିକାର କର୍ମୀ ତଥା ଓଡ଼ିଶା ନାଗରିକ ସଙ୍ଗଠନର ସଭାପତି ରୋହନ କୁମାର ମହାନ୍ତି ଏ ସଂକ୍ରାନ୍ତରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିବା ବେଳେ 'ଓସେପା'ର ପୁସ୍ତକ କ୍ରୟ ନୀତି ସଂକ୍ରାନ୍ତରେ ଏଭଳି ତଥ୍ୟ ବର୍ତ୍ତମାନ ସାମନାକୁ ଆସିଛି। ଚଳିତ ଆର୍ଥିକ ବର୍ଷ ପାଇଁ ବିଦ୍ୟାଳୟ ପାଠାଗାର ପୁସ୍ତକ କ୍ରୟ ଲାଗି 'ଓସେପା' ପକ୍ଷରୁ ୨୦୨୪ ନଭେମ୍ବର ୧୯ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତଦନୁଯାୟୀ ପୁସ୍ତକ କ୍ରୟ ପ୍ରକ୍ରିୟା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କିନ୍ତୁ ବିନା ଲାଇବ୍ରେରିଆନ୍‌ରେ ପୁସ୍ତକ କ୍ରୟ ଚାଲିଥିବାରୁ ପୂର୍ବ ବର୍ଷମାନଙ୍କ ପରି ଚଳିତବର୍ଷ ମଧ୍ୟ ପୁସ୍ତକ କ୍ରୟରେ ପାତରଅନ୍ତର ହେବାର ଆଶଙ୍କା ରହିଥିବା ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି।

ତ୍ରିଭୁବନ ବିଶ୍ୱବିଦ୍ୟାଳୟ: ସମବାୟ ଶିକ୍ଷାର ବିଶ୍ୱ ନେତୃତ୍ୱ

ପ୍ରଫେସର ହରେକୃଷ୍ଣ ମିଶ୍ର

ଲୋକସଭାରେ ୨୦୨୫ ଫେବ୍ରୁଆରି ୩ ତାରିଖରେ ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ୍-୨୦୨୫ ଆଗତ ହୋଇଥିଲା। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ୍ ମ୍ୟାନେଜ୍‌ମେଣ୍ଟ ଆନନ୍ଦ (ଆଇଆର୍‌ଏମ୍‌ଏ)କୁ ଏକ ଜାତୀୟ ସମବାୟ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଏହା ପ୍ରୟାସ କରୁଛି। ସମବାୟ ଶିକ୍ଷା, ପ୍ରଶିକ୍ଷଣ, ଗବେଷଣା ଓ ବିକାଶକୁ ପ୍ରୋତ୍ସାହନ ଦେବା ଲାଗି ଏହି ବିଶ୍ୱବିଦ୍ୟାଳୟ ସମବାୟ କ୍ଷେତ୍ରରେ ପ୍ରଥମ କରି ଏହି ଶ୍ରେଣୀର ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ହେବ। ଏହି ବିଧେୟକ ସମୟୋଚିତ ଏବଂ 'ବିକଶିତ ଭାରତ'ର ଲକ୍ଷ୍ୟ ଓ 'ସହକାର ସେ ସମୃଦ୍ଧି'ର ପରିକଳ୍ପନାକୁ ପୂରଣ କରିବା ପାଇଁ ଯଥେଷ୍ଟ ପ୍ରାସଙ୍ଗିକତା ବହନ କରୁଛି। ଏଥି ସହିତ ସମବାୟ କ୍ଷେତ୍ରରେ ପ୍ରଶିକ୍ଷଣ, ଗବେଷଣା ଓ ଶିକ୍ଷାପ୍ରଣାଳୀରେ ସାମିଲ ହେବାକୁ ଇଚ୍ଛୁକ ଥିବା ଦେଶର ବିଭିନ୍ନ ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ ଏବଂ ସଂଗଠନ ମାଧ୍ୟମରେ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ଲାଗି ଏହା ଉଦ୍ଦିଷ୍ଟ। ଆନ୍ତର୍ଜାତିକ ସମବାୟ ମେଣ୍ଟ(ଆଇସିଏ)ଅନୁଯାୟୀ, ବିଶ୍ୱସ୍ତରରେ ମୋଟ ଜନସଂଖ୍ୟାର ୧୨ ପ୍ରତିଶତରୁ ଅଧିକ ଲୋକ ୩୦ ଲକ୍ଷ ସମବାୟ ସଂସ୍ଥା ମଧ୍ୟରୁ କୌଣସି ଗୋଟିଏର ଅଂଶବିଶେଷ। ସର୍ବବୃହତ୍ ୩୦୦ଟି ସମବାୟ ଓ ଆପୋସ ସଂସ୍ଥା ମୋଟ ୨,୪୦,୯୪୧ କୋଟି ଆମେରିକୀୟ ଡଲାରର କାରବାର କରୁଥିବା କଥା ବିଶ୍ୱ ସମବାୟ ମନିଟର(୨୦୨୩) ରିପୋର୍ଟ କରିଛି। ସମଗ୍ର ବିଶ୍ୱରେ ସମବାୟ ସଂସ୍ଥା ୨୮ କୋଟି ଲୋକଙ୍କୁ ଚାକିରି ବା କାମର ସୁଯୋଗ ଦେଇଥାଏ, ଅନ୍ୟ ଅର୍ଥରେ କହିବାକୁ ଗଲେ ବିଶ୍ୱ ନିଯୁକ୍ତିପ୍ରାପ୍ତ ଜନସଂଖ୍ୟାର ୧୦ ପ୍ରତିଶତ ହେଉଛନ୍ତି ସମବାୟ ଦ୍ୱାରା ନିଯୁକ୍ତ।

ସେହିପରି ଆନ୍ତର୍ଜାତିକ ଶ୍ରମ ସଂଗଠନ(ଆଇଏଲ୍‌ଓ) ଅନୁଯାୟୀ, ସମବାୟ ମାଧ୍ୟମରେ ବିଶ୍ୱ କୃଷି ଉତ୍ପାଦନର ୫୦ ପ୍ରତିଶତରୁ ଅଧିକ ବିପଣନ କରାଯାଏ। ସମବାୟ ପ୍ରୋତ୍ସାହନ ପାଇଁ ସୁପାରିସ ୧୯୩ ଭିତ୍ତିରେ ଆଇଏଲ୍‌ଓ ଶିକ୍ଷା ଓ ତାଲିମ ମାଧ୍ୟମରେ ସମବାୟ ଆନ୍ଦୋଳନ ଉପରେ ଧ୍ୟାନ ଦିଏ ଏବଂ 'ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ସମବାୟ ହେଉଛି ଏକ ମୌଳିକ ବିଷୟ'। ସମବାୟ ଏଭଳି ଏକ ବ୍ୟାବସାୟିକ କଳେବର ଯାହା ସାଧାରଣତଃ ଛୋଟ ଇକ୍ୱିଟିଧାରୀ ତଥା ଜୀବିକା ଚାପ ଦ୍ୱାରା କବଳିତ ଥିବା ସଦସ୍ୟଙ୍କ ସ୍ୱାର୍ଥର ଯତ୍ନ ନେବା ସମୟରେ କର୍ପୋରେଟ୍‌ମାନଙ୍କ ଠାରୁ ମଧ୍ୟ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ଆଶା ରଖିଥାଏ। ଏହା ଏକ ବୈଶ୍ୱିକ ଚିନ୍ତାର ବିଷୟ ଯେ ସମବାୟ ସଂସ୍ଥାଗୁଡ଼ିକ ଭିନ୍ନ ଭିନ୍ନ ବ୍ୟାବସାୟିକ ସ୍ଥିରତା ପ୍ରଦର୍ଶନ କରିଥା'ନ୍ତି। ସେମାନଙ୍କ ଭିତରୁ ଅନେକ ଆର୍ଥିକ ତଥା ବଜାର ସଂକଟର ସମ୍ମୁଖୀନ ହୋଇ ହୁଏତ ଅଚଳ ହୋଇଯାଇଛନ୍ତି, କିମ୍ବା ଶାସନ ପରିଚାଳନା ଓ ପ୍ରକ୍ରିୟାରେ ଅପାରଗତା ଦେଖାଇଛନ୍ତି। ବୈଶ୍ୱିକ ଧାରା ଶିକ୍ଷା, ତାଲିମ ଓ ଦକ୍ଷତା ବୃଦ୍ଧିର ସିଧାସଳଖ ଆବଶ୍ୟକତା ଉପରେ ଗୁରୁତ୍ୱ ଦିଏ ଯାହା ବାଲ୍ୟଶିକ୍ଷା ଓ ବୟସ୍କ ଶିକ୍ଷା ସହିତ ଉତ୍ତମ ଭାବରେ ସମନ୍ୱିତ। ତଥାପି, ବିଶ୍ୱସ୍ତରରେ ସମବାୟ ଶିକ୍ଷାକୁ ଉପଯୁକ୍ତ ଧ୍ୟାନ ଦିଆଯାଇନାହିଁ। କେନିଆ, ତାଞ୍ଜାନିଆ ଓ ଆଫ୍ରିକାରେ ସ୍ପେନର ମୋଣ୍ଡ୍ରାଗନ୍ ବିଶ୍ୱବିଦ୍ୟାଳୟ ପରି ସମବାୟ/ସହଯୋଗ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପ୍ରୟାସ ଚାଲିଛି। ସେହିପରି କଲମ୍ବିଆ ବିଶ୍ୱବିଦ୍ୟାଳୟ ମଧ୍ୟ ସମବାୟ ସମେତ ତୃତୀୟ ତଥା ଏକକ ଅର୍ଥନୀତି ପରି ଏକ ବ୍ୟାପକ ପରିସର ଉପରେ ଧ୍ୟାନ ଦେଇଛି। ଦକ୍ଷିଣ କୋରିଆ ଓ ଭାରତର କୃଷି ସମବାୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୃଷି ସମବାୟ ପରିଚାଳନା/କୃଷି ବ୍ୟବସାୟ ପରିଚାଳନା ଆଦି ପ୍ରମୁଖ କାର୍ଯ୍ୟକ୍ରମର ଏମ୍‌ବିଏ ପାଠ୍ୟକ୍ରମ ରହିଛି।

କହିବା ବାହୁଲ୍ୟ, ସମବାୟ ଆନ୍ଦୋଳନ ହେଉଛି ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ। ମୁଖ୍ୟତଃ ଗ୍ରାମ ଓ ପଞ୍ଚାୟତରେ ଅବସ୍ଥିତ ପ୍ରାୟ ସାଢ଼େ ୮ ଲକ୍ଷ ସମବାୟ ସମାଜ ରହିଛି ଯାହାର ପାଖାପାଖି ୨୯ କୋଟି ସଦସ୍ୟ ମତ୍ସ୍ୟପାଳନ, ଦୁଗ୍ଧ ଉତ୍ପାଦନ, ପ୍ରକ୍ରିୟାକରଣ, ଗ୍ରାହକ, ଶିଳ୍ପ, ବିପଣନ, ପର୍ଯ୍ୟଟନ, ଡାକ୍ତରଖାନା, ଗୃହନିର୍ମାଣ, ପରିବହନ, ଶ୍ରମ, କୃଷି, ସେବା ଓ ପଶୁପାଳନ ଆଦି ବହୁମୁଖୀ ସମବାୟ କାର୍ଯ୍ୟକଳାପ ସହିତ ଜଡ଼ିତ। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସମବାୟ ସଂସ୍ଥାଗୁଡ଼ିକୁ ଜୀବନ୍ତ, ସ୍ୱଚ୍ଛ ତଥା ଦାୟିତ୍ୱବାନ ଅର୍ଥନୈତିକ ସଂସ୍ଥାରେ ପରିଣତ କରିବାକୁ ହେବ, ଯେଉଁଥି ପାଇଁ ଅନ୍ୟାନ୍ୟ କଥା ସହିତ ବୃତ୍ତିଗତ ଧାରାରେ ସମବାୟ ସମାଜଗୁଡ଼ିକୁ ପରିଚାଳନା କରିବା ଅତ୍ୟନ୍ତ ଜରୁରି। ବୃତ୍ତିଗତ ଭାବରେ ପରିଚାଳିତ ସମବାୟ ସଂସ୍ଥାଗୁଡ଼ିକର ଉନ୍ନତ ବ୍ୟବସାୟ ଏବଂ ସମ୍ବଳ ପରିଚାଳନା ରହିବ, ଯାହା ଉତ୍ପାଦକତା ଓ ଦକ୍ଷତା ବୃଦ୍ଧି କରିବ। ଫଳସ୍ୱରୂପ, ଏହା କୋଟିକୋଟି ସମବାୟ ସଦସ୍ୟଙ୍କ ଆୟ ବୃଦ୍ଧି କରିବ, ଯାହାଙ୍କ ଭିତରୁ ଅଧିକାଂଶ ସମାଜରେ ଉପେକ୍ଷିତ ଓ ଦୁର୍ବଳ ବର୍ଗର। ଭାରତକୁ ଦୁଗ୍ଧ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ପାଇଁ ସଂଘଟିତ ଶ୍ୱେତବିପ୍ଳବ ପାଇଁ ପ୍ରଶିକ୍ଷିତ ପରିଚାଳକ ଯୋଗାଇବା ଉଦ୍ଦେଶ୍ୟରେ ୧୯୭୯ ମସିହାରେ ଡ. ଭର୍ଗିଜ୍ କୁରିଆନଙ୍କ ନେତୃତ୍ୱରେ ଆଇଆର୍‌ଏମ୍‌ଏ ସ୍ଥାପନ କରାଯାଇଥିଲା। ଏହା ଗ୍ରାମୀଣ ବିକାଶ ଓ ପରିଚାଳନା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସହ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ସମେତ ରାଜ୍ୟ ସରକାରମାନଙ୍କୁ ବୃତ୍ତିଗତ ପରାମର୍ଶ ପ୍ରଦାନ କରିଛି ଏବଂ ଯୁବପିଢ଼ିକୁ ଗ୍ରାମୀଣ ବାସ୍ତବତାର ସାମନା କରିବା ପାଇଁ ପ୍ରସ୍ତୁତ କରିଛି। ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନ୍‌ଡିଡିବି), ଗୁଜରାଟ ସମବାୟ ଦୁଗ୍ଧ ବ୍ୟବସାୟ ସଂଘ(ଜିସିଏମ୍‌ଏମ୍‌ଏଫ୍) ଏବଂ ଏହାର ସାଂଗଠନିକ ଦୁଗ୍ଧ ସଂଘ, ଭାରତୀୟ ଜାତୀୟ ସମବାୟ ଦୁଗ୍ଧ ସଂଘ (ଏନ୍‌ସିଡିଏଫ୍‌ଆଇ), ତ୍ରିଭୁବନ ଦାସ ଫାଉଣ୍ଡେସନ, ଅଣସରକାରୀ ସଂସ୍ଥାଗୁଡ଼ିକର ବିସ୍ତାରିତ ନେଟ୍‌ୱର୍କ, ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗଗୁଡ଼ିକ ସହିତ ଆଇଆର୍‌ଏମ୍‌ଏର ପୁରୁଣା ସମ୍ପର୍କ ରହିଛି।

ସମବାୟ, ସାମୂହିକ ଓ ତୃଣମୂଳସ୍ତରୀୟ ସଂଗଠନ ଉପରେ ଧ୍ୟାନ ଦେଉଥିବା ଆଇଆର୍‌ଏମ୍‌ଏ ଏହାର ଶିକ୍ଷାଗତ ଉତ୍କର୍ଷ, ଅନନ୍ୟ ଶିକ୍ଷାଦାନ, ଗବେଷଣାରେ କଠୋରତା, ଦେଶ ଭିତରେ ଓ ବାହାରେ ଏହାର ଗ୍ରାହକମାନଙ୍କୁ ପରାମର୍ଶ ଦେବାରେ ଅଧ୍ୟାପକ ଦକ୍ଷତା ପାଇଁ ଜଣାଶୁଣା। ଆଇଆର୍‌ଏମ୍‌ଏ ପରିସରରେ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ସଂପୃକ୍ତ କ୍ଷେତ୍ର ପାଇଁ ଶିକ୍ଷା, ଗବେଷଣା, ତାଲିମ ଏବଂ ବିକାଶ ପ୍ରଣାଳୀକୁ ବୃଦ୍ଧି କରିବା ପାଇଁ ଏକ ବିରାଟ ସୁଯୋଗ ଯୋଗାଇବା ଭିତରେ ଅନେକ ଆହ୍ୱାନର ସମ୍ମୁଖୀନ ମଧ୍ୟ ହେବ। ସୁଯୋଗଗୁଡ଼ିକ ମଧ୍ୟରେ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ସମବାୟ ମନ୍ତ୍ରଣାଳୟର ସମର୍ଥନ, ଭିତ୍ତିଭୂମି ଓ ଶିକ୍ଷାନୁଷ୍ଠାନ ସ୍ଥାପନ ପାଇଁ ଏହାର ଗଠନମୂଳକ ବର୍ଷଗୁଡ଼ିକରେ 'ସମବାୟ ଶିକ୍ଷାପାଣ୍ଠି' ମାଧ୍ୟମରେ ପାଣ୍ଠି ସହାୟତା ଯୋଗାଇବା, କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ଓ ରାଜ୍ୟର ବିଭାଗଗୁଡ଼ିକରେ ପରାମର୍ଶ ସୁଯୋଗ ପାଇବା ଏବଂ ସାମ୍ପ୍ରତିକ ସମବାୟ ମନ୍ତ୍ରଣାଳୟର ତାଲିମ ଭିତ୍ତିଭୂମିରେ ପ୍ରବେଶ କରିବା ଆଦି ଅନ୍ତର୍ଭୁକ୍ତ। ଶିକ୍ଷାଦାନ ଓ ତାଲିମ ପାଇଁ ବିଷୟବସ୍ତୁ ବିକାଶ ଏବଂ କାର୍ଯ୍ୟକାରୀ କରିବାରେ ଆଇଆର୍‌ଏମ୍‌ଏର ଶକ୍ତି ହିଁ ବିଶ୍ୱବିଦ୍ୟାଳୟ ପାଇଁ ଅତିରିକ୍ତ ଲାଭଦାୟକ ହେବ। ସେହିପରି ଆହ୍ୱାନଗୁଡ଼ିକ ମଧ୍ୟରେ ଏହାର ବିଭିନ୍ନ ବିଦ୍ୟାଳୟ ପରିଚାଳନା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଅଧ୍ୟାପକ ଚିହ୍ନଟ କରିବା, କ୍ଷେତ୍ରୀୟ ଆବଶ୍ୟକତା ସହିତ ଖାପ ଖୁଆଇବା ପାଇଁ ସେମାନଙ୍କୁ ତାଲିମ ଓ ଅଭିମୁଖୀ କରାଇବା ଆଦି ଅନ୍ତର୍ଭୁକ୍ତ। ଉକ୍ତ ବିଲ୍ ସ୍ୱୀକାର କରେ ଯେ, ସମବାୟ କ୍ଷେତ୍ରରେ ବର୍ତ୍ତମାନର ଶିକ୍ଷା ଓ ତାଲିମ ଭିତ୍ତିଭୂମି ବିଖଣ୍ଡିତ। ଏଥି ସହିତ ସମବାୟ ସମାଜରେ ଥିବା କର୍ମଚାରୀଙ୍କ ଯୋଗ୍ୟ ମାନବଶକ୍ତି ଓ ଦକ୍ଷତା ନିର୍ମାଣ ପାଇଁ ବର୍ତ୍ତମାନ ଓ ଭବିଷ୍ୟତର ଚାହିଦା ପୂରଣ ନିମନ୍ତେ ଏହା ପର୍ଯ୍ୟାପ୍ତ ନୁହେଁ। ଏଥିରେ ମାନକୀକରଣ ଓ ଗୁଣାତ୍ମକ ତଦାରଖ ବ୍ୟବସ୍ଥାର ମଧ୍ୟ ଅଭାବ ରହିଛି। ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟକୁ ଏହି ସମସ୍ୟାର ସମଗ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ପଡ଼ିବ।

ତେବେ ଏଭଳି ଆହ୍ୱାନ ସତ୍ତ୍ୱେ ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ଏକ ଅଗ୍ରଣୀ ବିଶ୍ୱ ଶିକ୍ଷାକେନ୍ଦ୍ର ଭାବରେ ଉଭା ହେବା ସହ ଅନୁଷ୍ଠାନ, ଶିକ୍ଷାବିତ୍, ଗବେଷକ ଓ ବିଦ୍ୟାର୍ଥୀଙ୍କ ଅନ୍ତର୍ଜାତୀୟ ନେଟ୍‌ୱର୍କକୁ ଆକର୍ଷିତ କରିବାର ସମ୍ଭାବନା ରଖିଛି। ଯେହେତୁ ବିଶ୍ୱବ୍ୟାପୀ ଏହି କ୍ଷେତ୍ର ପାଇଁ ସୀମିତ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ରହିଛି, ସୁତରାଂ ଉକ୍ତ ବିଶ୍ୱବିଦ୍ୟାଳୟ ପାଖରେ ସମବାୟ ଶିକ୍ଷା ପାଇଁ ଗୁଣାତ୍ମକ ମାନଦଣ୍ଡ ସ୍ଥିର କରିବାର ସୁଯୋଗ ରହିଛି। ଜାତୀୟ ସ୍ତରରେ ଉକ୍ତ ବିଶ୍ୱବିଦ୍ୟାଳୟ ବିଭିନ୍ନ ବିଭାଗ ଓ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ଏକ ସାଧାରଣ ମଞ୍ଚରେ ଯୋଗଦେବା ପାଇଁ ସୁଯୋଗ ସୃଷ୍ଟି କରିବ, ଯାହା ନୀତି, ନିୟମ ଓ ସମବାୟ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ପରସ୍ପର ସହ ଆଲୋଚନା, ବିଚାରବିମର୍ଶ ଓ ଶିଖିବାର ବାଟ ଫିଟାଇବ। ଜାତୀୟ ଶିକ୍ଷାନୀତି ଅଧୀନରେ ସମସ୍ତ ସ୍ତରର ଶିକ୍ଷା ବ୍ୟବସ୍ଥାର ଛାତ୍ରଛାତ୍ରୀମାନଙ୍କ ପାଇଁ ବିଷୟବସ୍ତୁ ସୃଷ୍ଟିର ସୁଯୋଗ ମିଳିବ। ବିଶ୍ୱବିଦ୍ୟାଳୟ ତାହାର ଉଷ୍ମାୟନ(ଇଂକୁବେସନ) ଓ ଉଦ୍ୟୋଗିତା କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢ଼ିଙ୍କୁ ଏ କ୍ଷେତ୍ରରେ ଯୋଗଦେବା ପାଇଁ ସୁଯୋଗ ମଧ୍ୟ ସୃଷ୍ଟି କରିବ। ଉଲ୍ଲେଖଯୋଗ୍ୟ, ସମବାୟ କ୍ଷେତ୍ରକୁ ସଦସ୍ୟତାର ଉତ୍ତରାଧିକାର ଯୋଜନା, ଶାସନରେ ନେତୃତ୍ୱ ଏବଂ ସମବାୟ ନୀତି ଓ ଉଦ୍ୟୋଗିତା ମାଧ୍ୟମରେ ନବସୃଜନ ବ୍ୟବସାୟ ପାଇଁ ଯୁବପିଢ଼ିର ଆବଶ୍ୟକତା ରହିଛି। ପ୍ରତିଯୋଗିତାମୂଳକ ବଜାରର ଚାହିଦା ସହ ତାଳ ଦେଇ ଚାଲିବା ପାଇଁ ସମବାୟ ସଂସ୍ଥାଗୁଡ଼ିକର ଡିଜିଟାଲ ପରିବର୍ତ୍ତନ ଅତ୍ୟାବଶ୍ୟକ। ବିଶ୍ୱବିଦ୍ୟାଳୟର ଅନ୍ୟତମ ଆହ୍ୱାନଗୁଡ଼ିକ ମଧ୍ୟରେ ନୂତନ ପ୍ରଯୁକ୍ତି ବିଦ୍ୟାର ପରିବେଶ ସହିତ ଖାପ ଖୁଆଇବା ପାଇଁ ଭବିଷ୍ୟତ ପିଢ଼ିର ସହଯୋଗୀ ସୃଷ୍ଟି କରିବା, ଶିଳ୍ପ ୪.୦/୫.୦ର ସୂକ୍ଷ୍ମତାକୁ ଗ୍ରହଣ କରିବା ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା ଏବଂ ସଦସ୍ୟଙ୍କ ସ୍ୱାର୍ଥକୁ ରକ୍ଷା କରିବା ଆଦି ରହିଛି।

ଆଇଆର୍‌ଏମ୍‌ଏରେ ମୋର ଦୁଇ ଦଶନ୍ଧିର କାର୍ଯ୍ୟକାଳ ମଧ୍ୟରେ ଡ. କୁରିଏନ୍‌ଙ୍କ ସହ ଘନିଷ୍ଠ ଭାବରେ କାମ କରିବାର ସୁଯୋଗ ପାଇଛି। ତାଙ୍କ କଥାକୁ ଦୃଢ଼ ଭାବରେ ମୁଁ ବିଶ୍ୱାସ କରେ: "ଉତ୍କର୍ଷର ପ୍ରତିଷ୍ଠାନଗୁଡ଼ିକ ସେହି ଲୋକମାନଙ୍କ ଦ୍ୱାରା ନିର୍ମିତ ହୋଇଥାଏ ଯେଉଁମାନେ ସେହି ପ୍ରତିଷ୍ଠାନଗୁଡ଼ିକ ପାଇଁ କାମ କରନ୍ତି ଏବଂ ତାହା ସହାୟକ କଠିନ ଭିତ୍ତିଭୂମି ଦ୍ୱାରା ନିର୍ମିତ ହେବା ନିହାତି ଜରୁରି ନୁହେଁ।" ମୁଁ ନିଶ୍ଚିତ ଯେ ଉକ୍ତ ବିଶ୍ୱବିଦ୍ୟାଳୟ ଉଦୀୟମାନ ଆହ୍ୱାନଗୁଡ଼ିକୁ ଦୂର କରିବ, ଶିକ୍ଷା ଓ ତାଲିମ ପାଇଁ ଏକ ବ୍ୟାପକ, ସମନ୍ୱିତ ଏବଂ ମାନକୀକୃତ ସଂରଚନା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମର୍ଥନ କରିବ। ଏହା ସମବାୟ କ୍ଷେତ୍ର ପାଇଁ ସ୍ଥିର, ପର୍ଯ୍ୟାପ୍ତ ଓ ଗୁଣାତ୍ମକ ପ୍ରଶିକ୍ଷିତ ମାନବଶକ୍ତିର ଯୋଗାଣ ସୁନିଶ୍ଚିତ କରିପାରିବ, ଯଦ୍ୱାରା ମନ୍ତ୍ରଣାଳୟଗୁଡ଼ିକ ନେଇଥିବା ବିଭିନ୍ନ ପଦକ୍ଷେପର ସଫଳ କାର୍ଯ୍ୟାନ୍ୱୟନ ହୋଇପାରିବ। ଏଥି ସହିତ ବିଦ୍ୟମାନ ସହଯୋଗୀ ଓ ସମବାୟ ସଂସ୍ଥାଗୁଡ଼ିକର ସାମୂହିକ ଦକ୍ଷତା ଓ କୌଶଳକୁ ଉନ୍ନତ କରାଯାଇପାରିବ। ବିଶ୍ୱବିଦ୍ୟାଳୟ ନିଶ୍ଚିତ ଭାବରେ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ। ମୁଁ ଏହା ମଧ୍ୟ ନିଶ୍ଚିତ ଯେ, ଆଇଆର୍‌ଏମ୍‌ଏ ଏହି ଦାୟିତ୍ୱ ତୁଲାଇବା ପାଇଁ ସଠିକ୍ ପରିବେଶ ରଖିଛି ଏବଂ ପ୍ରାଥମିକ ସ୍ତରରେ ସମବାୟ ଶିକ୍ଷା ଏବଂ ସମବାୟ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ପାଠ୍ୟକ୍ରମର ଢାଞ୍ଚା ନିର୍ଦ୍ଧାରଣରେ ସୁପଦକ୍ଷେପ ନେବ।

ପ୍ରାକ୍ତନ ପ୍ରାଧ୍ୟାପକ, ଆଇଆର୍‌ଏମ୍‌ଏ

ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଲା ଯୁବ କଂଗ୍ରେସ

ଭୁବନେଶ୍ୱର, ୧୪/୨ (ଇମିସ): ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛି ଯୁବ କଂଗ୍ରେସ। ଆୟୁଷ ଛାତ୍ରଙ୍କ ପ୍ରତି ଅନ୍ୟାୟ କରାଯାଇଛି। ସରକାର ତୁରନ୍ତ ତାଙ୍କ ଦାବିକୁ ସମର୍ଥନ କରନ୍ତୁ ବୋଲି ଆଜି କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।

ଯୁବକଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଆୟୁଷ ନିର୍ଦ୍ଦେଶାଳୟରେ କିଛି ଅଧିକାରୀ ରାଜ୍ୟରେ ଆୟୁଷର ଉନ୍ନତିରେ ବାଧକ ସାଜିଛନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ ଭିତ୍ତିଭୂମିର ଉନ୍ନତ ଓ ଛାତ୍ରମାନଙ୍କ ସ୍ୱାର୍ଥ ପ୍ରତି ଉଦାସୀନ ମନୋଭାବ ପୋଷଣ କରାଯାଉଛି। ଯାହାଫଳରେ ଆୟୁଷ ଉପରେ ନିର୍ଭରଶୀଳ ଛାତ୍ର, ଶିକ୍ଷକ ଓ ରୋଗୀ ଅସୁବିଧାରେ ପଡୁଛନ୍ତି। ଛାତ୍ରଛାତ୍ରୀମାନେ କିପରି ଷ୍ଟାଇପେଣ୍ଡ ପାଇପାରିବେ ନାହିଁ ନିର୍ଦ୍ଦେଶାଳୟରେ ତା'ର ଷଡ଼ଯନ୍ତ୍ର କରାଯାଉଛି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ନିର୍ଦ୍ଦେଶକ ସେମାନଙ୍କ ଉପରୁ ଅଭିଯୋଗକୁ ପ୍ରତ୍ୟାହାର କରିନେଉଛନ୍ତି। ରାଜ୍ୟରେ ଆୟୁଷ ବ୍ୟବସ୍ଥା ରସାତଳଗାମୀ ହୋଇଥିବା ବେଳେ ବିଜେପି ସରକାର ଏହାକୁ ପରିପୁଷ୍ଟ କରିବାକୁ କୌଣସି ପଦକ୍ଷେପ ନେଉ ନ ଥିବା ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରଞ୍ଜିତ ପାତ୍ର, ୟାସିର ନୱାଜ, ମନୋଜ ବିଶ୍ୱାଳ, କିରଣ ସାହୁ, ସୁଦୀପ ସାମଲ ଓ ମହମ୍ମଦ ପରଭେଜ ପ୍ରମୁଖ ଉପସ୍ଥିତ ଥିଲେ।

ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ **www.coalindia.in**, ସଂପୃକ୍ତ ସହାୟକ କମ୍ପାନି **(MCL, www.mahanadicoal.in)**, **CIL** ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ **https://coalindiatenders.nic.in** ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ **https://eprocure.gov.in** ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, **GeM** ପୋର୍ଟାଲ **https://gem.gov.in** ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5240

ODISHA HYDRO POWER CORPORATION LTD.
(A Gold Rated State PSU)
O/O Sr. GENERAL MANAGER, Rengali Hydro Electric Project
P.O.-RENGALI DAM SITE, PIN-759105, DIST-ANGUL (ODISHA)
CAD-2571 TEL: 06760-266031, Email: sgmel500@gmail.com

No.OHPC:RHEP/TW/PUR-III-245/2024-25/1106 Date: 13.02.25

TENDER CALL NOTICE No.: RHEP-48/2024-25

Sealed Tenders are invited in two part i.e. (i) Techno Commercial Bid & (ii) Price bid in separate sealed envelopes from the manufacturers/ channel partner of manufacturer/ reputed organization for providing services as mentioned below.

Description of Materials/ Services	Cost of Tender paper (Non-refundable) in Rs.	EMD in shape of DD/BD only (Refundable)	Period of availability of tender at OHPC website (Sale).	Last date & Time of receipt of Tender.	Date & Time of opening of Techno Commmercial bid
"Supply of Illumination Materials and Cables for RHEP, Rengali"	Rs. 7,080/- (Inclusive of GST @ 18%)	Rs. 26985/-	From Dt. 15.02.2025 to Dt. 28.02.2025 (Up to 03.30 PM)	Up to 04.00 PM Dt. 28.02.2025	At 04.30 AM Dt. 28.02.2025

For details of the tender documents, terms and conditions please visit our website www.ohpcltd.com

OIPR 04022/11/0056/2425 Sd/-C & P Head, RHEP, Rengali

OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL B-1007

Email:eedklpwd@gmail.com

INVITATION FOR BIDS THROUGH e-Procurement
Bid Identification No. SEDKL (R&B) 40/2024-25
Invitation for Bids

1. The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in Double cover system in ONLINE MODE only, for Construction of Building works as detailed below.
2. Nature of work : 2 Nos. Road Works.
3. No. of work : 02 Nos.
4. Bid Cost : Rs.10,000/-.
5. Class of Contractor : 'B' Class.
6. Availability of Bid Documents in the website : From 10.00 AM of 20.02.2025 to 5.00 PM of 06.03.2025.
7. Date of Opening of Bid : Dt.07.03.2025 at 11.00 AM.
8. The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only.

Sd/- Superintending Engineer
OIPR 34016/11/0033/2425 Dhenkanal (R&B) Division, Dhenkanal

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL TECH TOWER, Janpath, Saheed Nagar, Bhubaneswar-751007
CIN:U40102OR2004SGC007553
OPTCL Lifeline of Odisha

CAD-2583 **TENDER ALERT**

1)E-Tender Notice No. CPC-15/2024-25: Bids are invited under single stage two part system from bidders for Engineering, Supply, Erection, Testing & Commissioning works for Construction of 132kV LILO Line from existing 132kV Podagada- Pottangi SC Line (Loc-61 & 62) to 132/33kV GSS, Lamtaput (Approximately-36.0 KM) along with dismantling of towers from Loc No - 68 to 96 of existing Lamtaput-Machhkund RTSS Line on turnkey contract basis at an estimated cost of Rs. 29.14 Crore.

2)E-Tender Notice No. CPC-20/2024-25: Bids are invited under single stage two part bid system from reputed Contractors/Firms for enlistment as rate contract holder of OPTCL for Execution of emergency / normal OPGW Stringing & maintenance works in EHV Transmission lines in OPTCL system.

Complete set of bidding documents are available at **www.tenderwizard.com/OPTCL** and **www.optcl.co.in**. OIPR 04011/11/0102/2425 HIPR-36/2024-25

/optcl.odisha /optcl_odisha

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ପତ୍ର ସଂଖ୍ୟା ୨୭୧୭/ଭୁ.ଉ.କ. ଭୁବନେଶ୍ୱର ତା.୦୫.୦୨.୨୫ରିଖ
EB-II-78/76

CAD-2569 **ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଲକ୍ଷ୍ମୀସାଗର ହାଉସିଂ ସ୍କିମ୍, ଷ୍ଟେଜ-୧, ମୌଜା-ଲକ୍ଷ୍ମୀସାଗର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-EB-69 ଶ୍ରୀ ରବିନାରାୟଣ ମିଶ୍ର, ପିତା-ଜଗନ୍ନାଥ ମିଶ୍ର, ଗ୍ରାମ/ପୋଷ୍ଟ - ବିରନରସିଂହପୁର, ଥାନା-ପୁରୀ ସଦର, ଜିଲ୍ଲା - ପୁରୀ, ରାଜ୍ୟ - ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା।
ଆବଣ୍ଟନଗ୍ରାହୀ ରବିନାରାୟଣ ମିଶ୍ର ଗତ ତା.୦୧.୦୫.୨୦୨୪ ରିଖରେ ମୃତ୍ୟୁ ବରଣ କରିଅଛନ୍ତି। (Death Certificate No. 6154/2024 dated 24.05.2024)
Legal Heir certificate Misc. Case No. E-LHC/2024/115728 dated 11.07.2024 ଅନୁଯାୟୀ ରବିନାରାୟଣ ମିଶ୍ରଙ୍କର ଉତ୍ତରାଧିକାରୀ (୧) ସବିତା ମିଶ୍ର (ସ୍ତ୍ରୀ), (୨) ଅଭିପ୍ସା ମିଶ୍ର (ବିବାହିତା କନ୍ୟା), (୩) ଅନନ୍ୟା ମିଶ୍ର (ବିବାହିତା କନ୍ୟା) ଓ (୪) ଅନ୍ୱେଷା ମିଶ୍ର (କନ୍ୟା) ଅଟନ୍ତି।
ବର୍ତ୍ତମାନ ଅଭିପ୍ସା ମିଶ୍ର, ଅନନ୍ୟା ମିଶ୍ର ଓ ସବିତା ମିଶ୍ର ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment - Document No. 11082406869 dated 22.07.2024) ମାଧ୍ୟମରେ ଉକ୍ତ ପ୍ଲଟରେ ଥିବା ନିଜର ଅଧିକାର / ଅଂଶକୁ ଅନ୍ୱେଷା ମିଶ୍ରଙ୍କୁ ହସ୍ତାନ୍ତର କରିଅଛନ୍ତି।
ଅନ୍ୱେଷା ମିଶ୍ର ମାଲିକାନା ସ୍ୱତ୍ୱ ତାଙ୍କ ନାମରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ପ୍ଲଟର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସତ୍ୱ ଅନ୍ୱେଷା ମିଶ୍ରଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR 13033/11/0240/2425

GOVT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, SONEPUR
1st Corrigendum

Letter No.913 **Dtd.14.02.2025**

O-1479: In continuation to this office tender identification No.SNPR/Online 16 of 2024-25 invited vide this office letter No.821 dtd.11.02.2025, under unavoidable circumstances Sl. No.1 is partial modification of TCN has been made as follows.

Sl No	Name of work	Approximate Estimated cost excluding (Rs in lakhs)	EMD required (in Rs)	Class of Contractor	Cost of Tender Paper (in Rs)	Time of Completion (in calendar Months)	Last date & time of online receipt of bids
1	Construction of Addl. Class Room in Sonepur Degree College, Sonepur in the Dist. of Subarnapur for the year 2024-25	56.10	Rs.56100.00	Only "B" Class	Rs.10,000.00	9 (Nine calendar months)	24.02.2025 up to 5.00 PM

OIPR 25054/11/0020/2425 Sd/- Executive Engineer, Rural Works Division, Sonepur

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର O-1452

OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BERHAMPUR
(At/Po:Ambapua, Near Income Tax Office, Berhampur-760011, Ganjam, Odisha)
(E-Mail:serwbpr2004@yahoo.com, Tel No:0680-2404287)

NATIONAL COMPETITIVE BIDDING THROUGH e-Procurement
Bid Identification No. Online Tender /30-2024-25/BPR

1. Identification No: Online Tender/30-2024-25/BPR. **2. Name of work :** Road Works under MMSY-IMPROVEMENT TO EXISTING RD ROADS. **3. No. of Works :** 03 Nos. **4. Approx. Estimated Cost (In lakh) :** From Rs.244.50 Lakhs to Rs.546.06 Lakhs. **5. Class of Contractor :** "B" Class & "A" Class as applicable. **6. Period of Completion :**Period of Completion as provided as per Col. No.5 of Annexure of NIT.

Procurement Officer	Bid Identification No	Availability of tender online for bidding	
		From	To
Chief Construction Engineer, R.W. Circle, Berhampur	Online Tender/ 30-2024-25/BPR	20.02.2025 at 10.00 AM	06.03.2025 upto 5.30 PM

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN. **(ii)** Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: - www.tendersodisha.gov.in

Sd/- Chief Constrcution Engineer
OIPR 25071/11/0053/2425 R.W.Circle, Berhampur

NOTICE INVITING TENDER
OFFICE OF CHIEF CSO-CUM-DISTRICT MANAGER
ODISHA STATE CIVIL SUPPLIES CORPORATION LTD.
DIST-KORAPUT

TENDER No.:211/01,02,03,04,05,06,07,08,09,10,11,12,13,14 Dated:13.02.2025

Cost of Tender Document is Rs.1000/- inclusive of GST for each BLOCK/ULB (through online mode).

CAD-2573: Online tenders are invited from eligible bidders for selection and appointment of transport contractors for transportation of **(i)** Paddy from Paddy Purchase Centers (PPCs) / Mandis to Rice Mill points (within or outside district) & **(ii)** Custom Milled Rice (CMR) from Rice Mill points to Rice Receiving Centers (RRCs)/Depots (within or outside district).

1	Availability of tender documents	From Date **15.02.2025** Downloadable from website: www.oscsc.in. www.foododisha.in & www.tendersodisha.gov.in
2	Date, time and venue for pre-bid conference.	On **17.02.2025 at 11.30 PM** in the Office Chamber of CCSO-cum-DM, OSCSC Ltd. Koraput
3	Last date and time for **online** submission of complete Tender Documents with enclosures	Through e-Procurement Portal: www.tendersodisha.gov.in on **03.03.2025 upto 5.30 PM**
4	Date, time and venue for opening of Technical Bid by the Tender Committee	On date. **04.03.2025 at 11.30 AM at Collectorate, Koraput**
5	Date, time and venue of submission of original documents in support of scanned Copies uploaded in the portal for verification	On date.**04.03.2025 at 11.30 AM at 11.30 AM onwards at Collectorate, Koraput**
6	Date, time and venue of Financial Bid opening by the Tender Committee (Only of Technically Qualified Bidders)	To be announced after technical bid evaluation.
7	Validity Period	Tender are to remain open for acceptance for 45 days from the date of issue of tender.
8	Language of the tender	The tender should be prepared by the bidder in English language only.
9	Helpdesk Telephone Number	CCSO/CSO-cum-DM's Contact Number: 9438200050

N.B: 1. If the Office happens to be closed on the date of opening of tenders, tenders will be opened on the next working day in the same time. **2.** District Level Tender Committee (DLTC) reserves the right to cancel any/ all of the tenders at anytime without assigning any reason thereof. **3.** Further details can be obtained in the website www.tendersodisha.gov.in **4.** The bidder must deposit Tender Document Fee and EMD at the time of submission of tender through online payment gate way service. **5.** Any amendment/ cancellation/ re-tender/ corrigendum please refer to the website www.tendersodisha.gov.in & www.foododisha.in.

Sd/- Chief CSO/CSO-cum-District Manager,
OIPR 07038/11/0001/2425 OSCSC Ltd. Koraput

ODISHA POLICE, STATE HEADQUARTERS, CUTTACK
Office of the D.G & I.G. of Police, Odisha, Cuttack
Buxi Bazar, Cuttack - 753001, Tel. 0671-2304001, Fax No. 0671-2304354
E-mail- pankaj.odpol@gov.in, aig-prov.odpol@gov.in, www.odishapolice.gov.in

D-267: Online Bids through e-Tender Portal https://tendersodisha.gov.in are invited from the eligible bidders for **purchase of CCTV Camera for Operation Wing of Odisha Police** during the current financial year 2024-25 as per the particulars mentioned below.

Sl. No.	Name of Item	RFP No. & Date	Quantity
1	CCTV Camera	53-RFP-CCTV Camera for SOG- 2024-25 Dtd.14.02.2025	in different quantity

Events	Date
RFP Issue Date	**14.02.2025**
Date & Time of Pre-Bid meeting Queries to be submit on lgops.orpol@nic.in & aig-prov.odool@gov.in, 2 days prior to the pre -bid meeting as per the format prescribed in Annexure 5	A pre-proposal meeting will be intimated to bidder (Online Link shall be shared based on the request receive from bidder on igops.orpol@nic.in & aig-prov.odpol@gov.in before 17.02.2025 by 15:00 Venue - O/o the I.G. of Police, Operation Wing Bhubaneswar
RFP Submission Due Date and time	**24.02.2025 Noon**
Date & Time of Opening of Technical Bids	**25.02.2025 Noon**
Date & Time of Opening of Financial Bids	To be intimated
Tender Document fee	In favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft)
EMD (Earnest Money Deposit)	In favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft)

The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

Sd/-A.I.G. of Police (Provisioning,)
OIPR 12110/11/0009/2425 Odisha, Cuttack. (Tender Calling Authority)

DISTRICT PROJECT OFFICE
SAMAGRA SHIKSHA: CUTTACK (ODISHA)
Phone & Fax : 0671-2509937/2509934, Email : dpccuttack.ss@gmail.com
No. 861/ XXII-12/24 / 2025 / Dated 14.02.2025

n-224 **NOTICE INVITING TENDER (NIT)**

The Tender Call notice No. 331/XXII-12/24 / 2025 / Dated 21.01.2025 for printing & supply of Question cum Answer sheets, answer Key & Oral Questions for SA-II, 2024-25 of Class-I to VIII is hereby cancelled. And the fresh sealed tenders are invited from the reputed & credible printers/ firms/ agencies for printing & supply of 'Question cum Answer Sheets, Answer Key & Oral questions' for SA-II 2024-25 for Class -I to VIII students in two bid systems (Technical & Commercial Bid) as detailed below.

Name of the Tender	Bid Procesing fees	Amount of EMD	Last Date & time of receipt of Bid	Date & time of opening of Technical Bid
Printing & Supply of Question cum Answer Sheet for SA-II 2024-25 for Class I to VIII Students	Rs.2000/- (Two Thousand) only	Rs. 50,000/- (Fifty Thousand) only	18.02.2025 by 1.30 PM	18.02.2025 at 3.30 PM

The detailed BID document is available in the website https://cuttack.odisha.gov.in/ www.osepa.odisha.gov.in. Interested and eligible agency/ firm may download BID DOCUMENT from the above website and apply accordingly.Corrigendum/ addendum, if required, will be uploaded in the above website, Hence potential bidders are requested to be in continuous touch with the above website. The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.

By the order of the Collector-cum-Chairman,SS, Cuttack
OIPR 27121/11/0005/2425 Sd/- District Project Co ordinator,Samagra Shiksha, Cuttack

ODISHA POLICE, STATE HEADQUARTERS, CUTTACK
Office of the D.G & I.G. of Police, Odisha, Cuttack
Buxi Bazar, Cuttack - 753001, Tel. 0671-2304001, Fax No. 0671-2304354
E-mail- pankaj.odpol@gov.in, aig-prov.odpol@gov.in, www.odishapolice.gov.in

D-268: Online Bids through e-Tender Portal https://tendersodisha.gov.in are invited from the eligible bidders for **purchase of UV Inspection Cabinet for TLC** for **Odisha Police** during the current financial year 2024-25 as per the particulars mentioned below.

Sl. No.	Name of Item	RFP No. & Date	Quantity
1	UV Inspection Cabinet for TLC	UV Inspection Cabinet for TLC	02

Events	Date
RFP Issue Date	**14.02.2025**
Date & Time of Pre-Bid meeting Queries to be submit on dirsfsl.orpol@nic.in & aig-prov.odool@gov.in 2 days prior to the pre -bid meeting as per the format prescribed in Annexure 5	A pre-proposal meeting will be intimated to bidder (Online Link shall be shared based on the request receive from bidder on dirsfsl.orpol@nic.in & aig-prov.odpol@gov.in before 17.02.2025 by 15:00 Venue - O/o the State FSL, Rasulgarh, Bhubaneswar - 751010
RFP Submission Due Date and time	**24.02.2025 12.00 Noon**
Date & Time of Opening of Technical Bids	**25.02.2025 12.00 Noon**
Date & Time of Opening of Financial Bids	To be intimated
Tender Document fee	In favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft)
EMD (Earnest Money Deposit)	In favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft)

The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

Sd/-A.I.G. of Police (Provisioning,)
OIPR 12110/11/0007/2425 Odisha, Cuttack. (Tender Calling Authority)